ଧୃତରାଷ୍ଟ୍ରଙ୍କର ପଣ୍ଡୁଙ୍କୁ ରାଜ୍ୟକୁ ଫେରାଇବା ନିମନ୍ତେ ଆସିବା ଓ ଶିବ ସ୍ତୁତି
ଅନେକ ବାଗେ ତିଆରିଲେ ବ୍ୟାସେ ଯେ ପଣ୍ଡୁଙ୍କୁ
ଚଳିଲେ ମହାମୁନି ଯେ ହସ୍ତିନା ଭୁବନକୁ । ୧ ।
ଯହିଂ ସେ ବିଜେ କରି ଅଛନ୍ତି ଧୃତରାଷ୍ଟେ
ପାରେଶ୍ୱର ନନ୍ଦନ ଯାଇ ମିଳିଲେ ନିକଟେ । ୨ ।
ସଞ୍ଜୟେ ବୋଇଲେ ସ୍ୱାମୀ ଶୁଣ କୁରୁନାଥ
ବ୍ୟାସେ ବିଜେ କଲେ ଆସି ତୋହୋର ଅଗ୍ରତ । ୩ ।
ଆସ୍ତାନ ତେଜିଣ ଉଠିଲେ ଅନ୍ଧରାଜା
ସତ୍ୟବତୀ ନନ୍ଦନର ପାଦେ କଲେ ପୂଜା । ୪ ।
କୃଷ୍ଣାଞ୍ଜନ ଛାଲ ଗୋଟିୟେ ରାଜା ଦିଲା
ଉଭା ହୋଇଣ ରାଜା ସମସ୍ତ ପୁଛା କଲା । ୫ ।
---------
୫ ।୧ କୃଷ୍ଣାଞ୍ଜନ-କୃଷ୍ଣାଜିନ

ବ୍ୟାସେ ବୋଇଲେ ବାବୁ ଶୁଣ ଧୃତରାଷ୍ଟ
ପଣ୍ଡୁଙ୍କୁ ପଡିଲା ବନେ ଦୁସହ ସଂକଟ । ୬ ।
ଅଗ୍ନିକାର ମହରଷିଙ୍କି ସେ ଶରଘାତ କଲା
କୋପେଣ ମହାତ୍ମା ତାକୁ ଦୁରାପଦ ଶାପ ଦିଲା । ୭ ।
ପିତା ବ୍ରହ୍ମରଷିଙ୍କର ବଦନୁଂ ଅନ୍ଧ ୟେସନକ ବାକ୍ୟ ଶୁଣି
ରଥ ଗଜ ଅଶ୍ୱ ଯେ ସଇନି ପଲାଣି । ୮ ।
ସୁବର୍ଣ୍ଣ ପଲଙ୍କରେ ବିଜୟେ ଧୃତରାଷ୍ଟ
ହାନ୍ଦୋଳାରେ ଚଢି ଗାନ୍ଧାରୀ ବାହାର ନିକଟ । ୯ ।
ଦଶଲକ୍ଷ ରଥ ଯେ ପଞ୍ଚାଶ ଲକ୍ଷ ହସ୍ତୀ number
ସତୁରି ଲକ୍ଷ ବାରୁ ପାଞ୍ଚ କ୍ଷଉଣୀ ପାଦାନ୍ତି । ୧୦ ।
ପାଟକ୍ଷତ୍ର ଆଲମ୍ବ ବିମଳ ୟେକ ଲକ୍ଷେ
ଚାମର ଲକ୍ଷେ ଯେ ୟେକଲଖୀ ଲକ୍ଷେ । ୧୧ ।
ଉଦଣ୍ଡ ଲକ୍ଷେ ମୟୁର କଣ୍ଠା ଲକ୍ଷେ
ଶଙ୍ଖବାଦ୍ୟ ବୀରତୂର ବାଜେ ଲକ୍ଷେ ଲକ୍ଷେ । ୧୨ ।
ଟମକ ନିଶାଣ ଯେ ୟେମାନ ଲକ୍ଷେ ଲକ୍ଷେ
ହସ୍ତୀ ଘୋଡା ପାଇକ ପଲାଶି ଅଛନ୍ତି କାଛେ କାଛେ । ୧୩ ।
ୟେସନେକ ଥାଠ ଘେନି ଅମ୍ବିକାର ବଳା
ବିହରନ୍ତି ବନେ ସେ ତେଜ ଅନର୍ଗଳା । ୧୪ ।
ଚଳନ୍ତି ଯୋଦ୍ଧାୟେ କାନନ ବନ ଖେଦି
କାଳଅଗ୍ନି ନାମେଣ ଭେଟିଲେ ୟେକ ନଦୀ । ୧୫ ।
ସେ ନଦୀର କୂଳେ ବିଜେ ବିଶ୍ୱନାଥ
କାଳଅଗ୍ନି ନଦୀ ସେ ଅଟଇ ମହାତୀର୍ଥ । ୧୬ ।
----------
୯ ।୧ ମୟୁର ଧ୍ୱଜ ରଥେ ବିଜୟେ ନରନାଥେ ।
୧୧ ।୧ ପାଟଛତ୍ର ଲକ୍ଷେ ଆଲମ୍ବ ଚାମର ଲକ୍ଷେ ।
୧୨ ।୧ ୟେକଲଖୀ ଲକ୍ଷେ ଉଦଣ୍ଡହିଂ ଲକ୍ଷେ ।
୮ ।୨ ପଲାଣି-ଯାତ୍ରା ନିମନ୍ତେ ସାଜିବା ।
୧୩ ।୨ ପଲାଶି-ବେଗରେ ଗମନ କରି ।

ବିଦୁର ସଂଜୟେ ଧୃତରାଷ୍ଟ ମୂଳେ
ଗଙ୍ଗାର ନନ୍ଦନ ଯେ ଭୀଷ୍ମ ମହାବଳେ । ୧୭ ।

ତୀର୍ଥରେ ସ୍ନାହାନ କରି ବିଶ୍ୱନାଥଙ୍କୁ କଲେ ତୁଷ୍ଟି
କାଳଅଗ୍ନି ମହାଲିଙ୍ଗ ଜୟ ତୁ କାଶୀପତି । ୧୮ ।
ଉତପତ୍ତି ପ୍ରଳୟ ତୋ ତହୁଂ ନାହିଂ ଆନ
ଅନ୍ଧକ ବିଦାରଣ ଜୟ ତୁ ତ୍ରିଲୋଚନ । ୧୯ ।
ବଇଲ ବାହାନେ ଭ୍ରମଣି ଅନୁବ୍ରତେଣ ମତି ଭୋଳା
ଭଇରବ ରୂପ ଧରି ପାତିଲୁ ମହାଖଳା । ୨୦ ।
କମଳାର ନନ୍ଦନ ଅନଙ୍ଗ କାମଦେବ
ତାହାକୁ ଦହିଲୁ ତୁ ପିତାର ଅଭାବ । ୨୧ ।
ନିରାଳମ୍ବ ପୁରୁଷ ତୁ ନ ଜାଣୁ ଦେବ କିଛି
ନାରାୟଣର ଅଭାବେ ତୁ କାଳକୂଟ ଭକ୍ଷି । ୨୨ ।
ସ୍ୱାମି କାଶୀପତି ନାଶ ଗଲା ତୋହୋର କୂଟବୁଦ୍ଧି
ଦୟା ସାଗର ନାଥ ତୁ ଶୃଙ୍ଗାର ବାରାନିଧି । ୨୩ ।
ୟେକା ଚରଣେକ ଚତୁର୍ଭୁଜ ତ୍ରିଲୋଚନ ପଞ୍ଚୁ ଯେ ବଦନ
ନାମ ବିଶ୍ୱନାଥ ତୁ ଗଙ୍ଗାର ରମଣ । ୨୪ ।
ଖପର କୋଠାର ଘେନି ମହାମତ୍ତ ଭୋଳା
ଡିବି ଡିବି ଡମ୍ବୃରୁ ମତୁଆଳ ଖେଳା । ୨୫ ।
ଚଣ୍ଡିକା ମତୁଆଳ ଯୋଗ୍ନୀ ଘୋରରଡି
ପ୍ରେତ ପିଚାଶ ବେତାଳମାନନ୍ତ ଘେନି ଖେଡି । ୨୬ । malapropism
ରକ୍ତବର୍ଣ୍ଣେ ତ୍ରାସ ସୁନ୍ଦର କପାଳୀ
ରକ୍ତ ବସନ ସିନ୍ଦୂର ରକତ ମନ୍ଦାରମାଳୀ । ୨୭ ।
ଅପୂର୍ବକର ନାଟ କୀର୍ତ୍ତି କାଳାନ୍ତ ଭୋଳା
ବୃଷଭ ବାହାନ ନାଥ ତେଜ ଅନର୍ଗଳା । ୨୮ ।
-----------
୧୭ ବିଦୁର ସଂଜୟ ମୂଳେ ଗଙ୍ଗାର ନନ୍ଦନ
ରୁଦ୍ରନାଥଙ୍କୁ ସେ କରନ୍ତି ଦର୍ଶନ ।
୧୮ ତୁଷ୍ଟି-ସ୍ତୁତି ୨୩ ।୨ ଶୃଙ୍ଗାର ବାରାନିଧି- ଶୋଭା ସମୁଦ୍ର
୨୫ ।୧ କୋଠାର-ପରଶୁ-ପାର୍ଶା ୨୬ ।୨ ପିଚାଶ-ପିଶାଚ, ୨୭ ।୧ ତ୍ରାସ-ଆଭା
୨୬ ।୨ ଖେଡି-ଖେଳି ।

ଅସାଷ୍ଟମ ମହାତମା କାୟ ମହାମତ୍ତା
ଅଚିନ୍ତା ପୁରୁଷ ନାଥ ପର ଦୁଖେଣ ଚିନ୍ତା । ୨୯ ।
ସିନ୍ଦୂର ବିଲେପନ ଅଣାକାର ରୂପ
କ୍ଷଣେ ବୃଦ୍ଧ କ୍ଷଣେ କନ୍ଦର୍ପ ସରୂପ । ୩୦ ।
କେ ମାତ ପିତା କେ ଭାରିଯା କେ ଭଗିନୀ
ନାଚନ୍ତି ଗାବନ୍ତି ଭଣ୍ଡ ଗୀତ ଘେନି । ୩୧ ।
କଡା ଦାଉଣ୍ଡି ଯେ ଟହ ଟହ ଘୁମୁରା ghumra dance
କେ କାହାଳ କରନ୍ତି କେ ନାଚନ୍ତି ତ୍ରିପୁରା । ୩୨ ।
ତ୍ରିଣାୟେକ ବୀଣାୟେକ ହେରମ୍ବ ଗଣପତି
ନନ୍ଦୀ ମହାକାଳ ଚଣ୍ଡ ପ୍ରଚଣ୍ଡ ସେନାପତି । ୩୩ ।
ଜୟନ୍ତକ ଅଜୟନ୍ତକ ଜାତୁ ମଲ୍ଲ କ୍ଷେତ୍ରପାଳ
ଉନମତ୍ତର କାଳ କାଦମ୍ବରୀ ପାନେ ମତ୍ତଭୋଳ । ୩୪ ।
ଧୁଧୁକାର ତାଣ୍ଡବ ପରପଞ୍ଚ ଯେ ଯୋଗୀ
ଅବଧୂତ ନାଥ ପିଙ୍ଗଳ ବଇରାଗୀ । ୩୫ ।
ବଳି ଭୋଜା ମାୟେଂସ ଭୋଜା ଆବର ପୋଡାବଳି

ଶଉର୍ଯ୍ୟବନ୍ତ ଭୋଳାନାଥ ନାନା ରଙ୍ଗେଣ କେଳି । ୩୬ ।
ଗିରିଜାର ବଲ୍ଲଭ ମହା ଭଇରବ ମୂରତି
ଶୂଦ୍ରମୁନି ସାରୋଳା ଦାସର ଅଟଇ ପ୍ରକୃତି । ୩୭ ।
ସ୍ୱାମୀ ଯାବତ ଚନ୍ଦ୍ର ଦିବାକର କାଳ
ତୋହୋର ଲୟ ମୋର ହୃଦରେ ସମ୍ଭାଳ । ୩୮ ।
ମୁହିଂ ମହାଭାରଥ ଯେ କହିବି ଆଦିପର୍ବ
ଦୁତୀୟ ଖଣ୍ଡ ୟେ ଅପୂର୍ବ ରସ ଭାବ । ୩୯-୧୮୬୮ । second part of Adiparva??

---------------

୩୬ ଶମଶାନେ ମାୟେସଂ ଆବର ପୋତାବଳି
ବୀର୍ଯ୍ୟବନ୍ତ ଭୋଳାନାଥ ନାନାରଙ୍ଗେ ଖେଳି ।
ପାଚକ ଭଜା ମାଂସ ଘୋଟିଣ ତାର ଖେଳା
ମଦିରା ରସ ପାନେ ନିରନ୍ତରେ ଭୋଳା ।

*************